# NATIONAL NEWS BULLETIN (ODIA)

**20 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆତଙ୍କବାଦକୁ ସମର୍ଥନ ବନ୍ଦ ନ କରିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରଖିବ ଭାରତ ।

- ବୃନ୍ଦାବନର ରାମକୃଷ୍ଣ ମିଶନ ସେବାଶ୍ରମ ହସ୍ପିଟାଲରେ ନୂତନ କର୍କଟରୋଗ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ।

- ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡିଥିବା ପଶ୍ଚିମବଙ୍ଗର ବିବାଦୀୟ ଭୋଟରଙ୍କ ଆବେଦନ ବିଚାର ପରେ ଆଜି ପ୍ରକାଶ ପାଇବ ଅତିରିକ୍ତ ତାଲିକା ।

- ବିଶ୍ୱ ମୁଖସ୍ୱାସ୍ଥ୍ୟ ଦିବସ ଅବସରରେ ଉତ୍ତମ ମୁଖସ୍ୱଚ୍ଛତା ଅଭ୍ୟାସ ଗ୍ରହଣ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ ।

ଏବଂ

- ସୁସ୍ଥ ପରିବେଶର ସୂଚକ ଘରଚଟିଆ ଜନସଂଖ୍ୟା ସଂରକ୍ଷଣ ସଚେତନତା ଲକ୍ଷ୍ୟରେ ଆଜି ପାଳନ ହେଉଛି ବିଶ୍ୱ ଘରଚଟିଆ ଦିବସ ।

# ଇଣ୍ଡିଆ-ପାକିସ୍ତାନ ଓ୍ୱାଟର୍ସ

ଇସଲାମାବାଦ ଆତଙ୍କବାଦକୁ ସମର୍ଥନ ବନ୍ଦ ନକରିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରହିବ ବୋଲି ଭାରତ ଦୋହରାଇଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି.ହରିଶ କହିଛନ୍ତି ଯେ, ଚୁକ୍ତି ପ୍ରସଙ୍ଗ ଉଠାଇବା ପୂର୍ବରୁ ପାକିସ୍ତାନକୁ ମାନବ ଜୀବନର ପବିତ୍ରତା ବଜାୟ ରଖିବାକୁ ପଡିବ । ପାକିସ୍ତାନକୁ ଆତଙ୍କବାଦର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ବୋଲି ବର୍ଣ୍ଣନା କରି ହରିଶ୍ କହିଥିଲେ ଯେ, ଭାରତ ଉତ୍ତମ ବିଶ୍ୱାସର ସହ ୧୯୬୦ ମସିହାରେ ସିନ୍ଧୁ ଜଳଚୁକ୍ତି ସ୍ୱାକ୍ଷର କରିଥିଲା; କିନ୍ତୁ ପାକିସ୍ତାନ ଯୁଦ୍ଧ ଏବଂ ଆତଙ୍କବାଦୀ ଆକ୍ରମଣ ଜରିଆରେ ଏହାକୁ ଦୁର୍ବଳ କରିଦେଇଛି । ଗତବର୍ଷର ଭୟଙ୍କର ପହଲଗାମ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଛି । ହରିଶ୍ କହିଛନ୍ତି ଯେ ବୈଷୟିକ ଓ ପରିବେଶ ପରିବର୍ତ୍ତନ ମଧ୍ୟରେ ଚୁକ୍ତି ସଂଶୋଧନ ଉପରେ ଆଲୋଚନା କରିବାକୁ ଭାରତର ପ୍ରୟାସକୁ ପାକିସ୍ତାନ ପ୍ରତ୍ୟାଖାନ କରିଛି ।

ବିଶ୍ୱ ଜଳଦିବସ ଅବସରରେ ଜାତିସଂଘ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ହରିଶ କହିଛନ୍ତି ଯେ, ଜଳଜୀବନ ମିଶନ ଅଧୀନରେ ଅଗ୍ରଗତି ଉପରେ ଆଲୋକପାତ କରି ଭାରତ ନିରାପଦ ଜଳର ଉପଲବ୍ଧତା ବୃଦ୍ଧି କରିବାକୁ ପ୍ରତିଶ୍ରୁତିବଦ୍ଧ ।

# ପ୍ରେଜ୍ - ଅଙ୍କୋଲୋଜି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଉତ୍ତରପ୍ରଦେଶର ବୃନ୍ଦାବନର ରାମକୃଷ୍ଣ ମିଶନ ସେବାଶ୍ରମ ହସ୍ପିଟାଲରେ ନନ୍ଦକିଶୋର ସୋମାନି ଅଙ୍କୋଲୋଜି ବ୍ଲକକୁ ଉଦ୍‌ଘାଟନ କରିଛନ୍ତି । ରାମକୃଷ୍ଣ ମିଶନ ସେବାଶ୍ରମର ଏହି ନୂତନ ଅଙ୍କୋଲୋଜି ବ୍ଲକ ଆଞ୍ଚଳିକ କର୍କଟ ଚିକିତ୍ସା ସୁବିଧାକୁ ମଜଭୁତ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ବ୍ଲକରେ ଉନ୍ନତ ରେଡ଼ିଓଥେରାପି ଏବଂ ନିଦାନ ସୁବିଧା ରହିଛି ।

**V/O**

ଗତକାଲିଠାରୁ ତିନିଦିନିଆ ଉତ୍ତରପ୍ରଦେଶ ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ସକାଳେ ପ୍ରେମାନନ୍ଦଜୀ ମହାରାଜ ଆଶ୍ରମ ପରିଦର୍ଶନ କରିଥିଲେ । ସେ ବୃନ୍ଦାବନରେ ନିବ୍ କରୋରୀ ବାବାଙ୍କ ସମାଧି ପରିଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଂଧ୍ୟାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୃଦ୍ଧ, ମହିଳା ଏବଂ ପିଲାମାନଙ୍କ ଯତ୍ନ ପାଇଁ କାର୍ଯ୍ୟ କରୁଥିବା ଏକ କଲ୍ୟାଣକାରୀ ସଂଗଠନ ବାତ୍ସଲ୍ୟ ଗ୍ରାମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

# ଡବ୍ଲ୍ୟୁବି-ଏସ୍ଆଇଆର୍

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ-ଏସ୍ଆଇଆର୍ ପ୍ରକ୍ରିୟାରେ ବିବାଦୀୟ ଭୋଟରଙ୍କ ନାମ ଯାଞ୍ଚ ପରେ ଆଜି

ପ୍ରଥମ ସପ୍ଲିମେଣ୍ଟାରୀ ତାଲିକା ପ୍ରକାଶ ପାଇବାର ସୂଚନା ରହିଛି । ଗତ ଫେବୃୟାରୀ ୨୮ ତାରିଖରେ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକାରୁ ବାଦ୍ ପଡିଥିବା ୬୦ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ମାମଲା ଅଦାଲତରେ ବିଚାରାଧୀନ ଥିଲା । ସପ୍ଲିମେଣ୍ଟାରୀ ତାଲିକା ପ୍ରକାଶ ପାଇବା ପୂର୍ବରୁ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁଜୟ ପାଲ ଆଇନ୍ ଶୃଙ୍ଖଳା ସୁନିଶ୍ଚିତ କରିବା ଏବଂ ଏସ୍ଆଇଆର୍ ପ୍ରକ୍ରିୟାରେ ଜଡିତ ବିଚାରପତି ତଥା ନ୍ୟାୟିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବାପାଇଁ ଗତକାଲି ଏକ ଜରୁରୀ ବୈଠକ ଡକାଇଥିଲେ ।

ଇତିମଧ୍ୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଦୁଶ୍ୟନ୍ତ ନରିଆଲ, ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ ଅଗ୍ରୱାଲ ଏବଂ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସୁବ୍ରତ ଗୁପ୍ତାଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି ।

# ହେଲ୍‌ଥ ମିନିଷ୍ଟ୍ରି ଏଡ୍‌ସ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ-ନାକୋ ଜରିଆରେ ଆଜି ଦିଲ୍ଲୀରେ ସୁରକ୍ଷା ସଂକଳ୍ପ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ନାକୋର ମହାନିର୍ଦ୍ଦେଶକ ଡକ୍ଟର ରାକେଶ ଗୁପ୍ତା କହିଛନ୍ତି ଯେ ଏଡ୍‌ସ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ଆହ୍ୱାନ ସୃଷ୍ଟି କରିଛି, ଯାହା ପ୍ରଶାସନର ସମସ୍ତ ସ୍ତରରେ ନିରନ୍ତର ସତର୍କତା, ନବସୃଜନ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ

ଆବଶ୍ୟକ କରୁଛି । ଗର୍ଭାବସ୍ଥା, ପ୍ରସବ ଏବଂ ସ୍ତନ୍ୟପାନ୍ୟ ସମୟରେ ମା’ଠାରୁ ଶିଶୁକୁ ହେଉଥିବା ଏଚ୍ଆଇଭି ସଂକ୍ରମଣକୁ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ଗୁପ୍ତା ଏକ ରୋଡ଼ମ୍ୟାପ୍ ରେଖାଙ୍କିତ କରି ବିଶ୍ୱ ଏସ୍ସ ଦିବସ ୨୦୨୭ ସୁଦ୍ଧା ଏଡ୍ସକୁ ଏକ ମହାମାରୀ ଭାବରେ ନିୟନ୍ତ୍ରଣ ଘୋଷଣା କରିବା ଦିଗରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

## ପିଏମ୍-ମା ଅମ୍ବେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନବରାତ୍ରିର ଆଧ୍ୟାତ୍ମିକ ବାତାବରଣ ଉପରେ ନିଜର ଭାବନା ବ୍ୟକ୍ତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମା’ ଅମ୍ବେଙ୍କ ପ୍ରତି ଭକ୍ତି ମନରେ ଅପାର ଶାନ୍ତି ଏବଂ ଶକ୍ତି ଭରିଥାଏ । ଏହି ଅବସରରେ ଶ୍ରୀ ମୋଦୀ ମା’ ଅମ୍ବେଙ୍କୁ ଉତ୍ସର୍ଗୀକୃତ ଏକ ଭକ୍ତି ଭଜନ ସେୟାର କରିଛନ୍ତି ।

## ଶାହା- ଅବନ୍ତିବାଈ ଟ୍ରିବ୍ୟୁଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରାଣୀ ଅବନ୍ତିବାଇ ଲୋଧିଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅବନ୍ତିବାଇଙ୍କ ଜୀବନକୁ ସାହସ, ତ୍ୟାଗ ଏବଂ ଦେଶପ୍ରେମର

ଏକ ଅନନ୍ୟ ଉଦାହରଣ ଭାବେ ବର୍ଣ୍ଣନା କରି ଶ୍ରୀ ଶାହା କହିଛନ୍ତି ଯେ, ୧୮୫୭ ମସିହାରେ ରାଣୀ ଅବନ୍ତିବାଇ ଲୋଧି ବ୍ରିଟିଶ ଶାସନ ବିରୋଧରେ ଦୃଢ଼ ଭାବରେ ଛିଡା ହୋଇଥିଲେ । ଦେଶମାତୃକାର ରକ୍ଷା ପାଇଁ ଆତ୍ମ ସମର୍ପଣ ପରିବର୍ତ୍ତେ ସେ ସହିଦ ହେବାକୁ ବାଛିଥିଲେ । ତାଙ୍କ ଆତ୍ମ ବଳିଦାନ ରାଷ୍ଟ୍ର ପ୍ରତି ସମର୍ପଣ ଏବଂ ଆତ୍ମସମ୍ମାନର ଏକ ଅମର ବାର୍ତ୍ତା ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

## ନଡ୍ଡା-ମୁଖସ୍ୱାସ୍ଥ୍ୟ

ବିଶ୍ୱ ମୁଖସ୍ୱାସ୍ଥ୍ୟ ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଜନସାଧାରଣଙ୍କୁ ଉତ୍ତମ ମୁଖ ସ୍ୱଚ୍ଛତା ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା ହସକୁ ମଜଭୁତ ଏବଂ ସୁସ୍ଥ ରଖିବା ପାଇଁ ସଠିକ୍ ଭାବେ ବ୍ରସ୍ କରିବା, ଚିନିଯୁକ୍ତ ଖାଦ୍ୟ ସୀମିତ ରଖିବା ଏବଂ ନିୟମିତ ଦାନ୍ତ ଯାଞ୍ଚ କରିବା ଭଳି ସରଳ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉତ୍ତମ ମୁଖସ୍ୱାସ୍ଥ୍ୟ ପାଇଁ ସୁସ୍ଥ ଅଭ୍ୟାସ ସୃଷ୍ଟି କରିବାକୁ ଶ୍ରୀ ନଡ୍ଡା ପରିବାର ଗୁଡ଼ିକୁ ଏକାଠି କାମ କରିବାକୁ ମଧ୍ୟ ଉତ୍ସାହିତ କରିଛନ୍ତି । ସେ କହିଛନ୍ତି ଯେ ଉତ୍ତମ ମୁଖ ଯତ୍ନ କେବଳ ହସକୁ ଉଜ୍ଜ୍ୱଳ ରଖେନାହିଁ ବରଂ ସାମଗ୍ରିକ ଶାରିରୀକ ସୁସ୍ଥତାକୁ ମଧ୍ୟ ସମର୍ଥନ କରେ । ପ୍ରତିଦିନ ଉତ୍ତମ ମୁଖସ୍ୱଚ୍ଛତା

ବଜାୟ ରଖିବା ପାଇଁ ସଚେତନତା ସୃଷ୍ଟିକରିବା ଏବଂ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ଇସ୍ରାଏଲ-ଇରାନ ଆଟାକ

ଇରାନର ନାଗରିକମାନେ ଆଜି ପାରସ୍ୟର ନବବର୍ଷ ନଓରୋଜ୍ ପାଳନ କରୁଥିବାବେଳେ ଇସ୍ରାଏଲ ତେହେରାନ ଉପରେ ବିମାନ ଆକ୍ରମଣ କରିଛି । ଇରାନ୍‌ର ଏକ ପ୍ରମୁଖ ଗ୍ୟାସ୍ କ୍ଷେତ୍ର ଉପରେ ଆକ୍ରମଣକୁ ଏଡାଇ ଦିଆଯିବ ବୋଲି ଇସ୍ରାଏଲ ସଂକେତ ଦେବାର ଗୋଟିଏ ଦିନପରେ ରାଜଧାନୀ ଚାରିପାଖରେ ବିସ୍ଫୋରଣ ଘଟିଥିବା ସୂଚନା ମିଳିଥିଲା । ଇତିମଧ୍ୟରେ ଇରାନ ସମଗ୍ର ଉପସାଗରୀୟ ଶକ୍ତିକ୍ଷେତ୍ରକୁ ଲକ୍ଷ୍ୟ କରି ଆକ୍ରମଣକୁ ଜୋର୍‌ଦାର କରିଛି ।

ଆଜି ସକାଳେ ଇଦ୍-ଉଲ୍-ଫିତର ପ୍ରାର୍ଥନା ସମୟରେ ହୋଇଥିବା ଗୁଳିବିନିମୟକୁ ବାୟୁପ୍ରତିରକ୍ଷା ବାଧାଦେବାରୁ ଦୁବାଇରେ ମଧ୍ୟ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା । ହାଇଫାରୁ ଗାଗିଲି ଏବଂ ଲେବାନନ୍ ସୀମା ନିକଟରେ ସାଇରନ ଶବ୍ଦ ସହିତ ଇରାନ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ନିକ୍ଷେପ ଜାରି ରଖିଥିଲା ।

ମିଳିତ ଜାତିସଂଘ ସୁରକ୍ଷା ପରିଷଦ ଗତକାଲି ଏକ ଜରୁରୀକାଳୀନ ବୈଠକରେ ଉପସାଗରୀୟ ରାଷ୍ଟ୍ରମାନେ ଏକାଠି ହୋଇ ଆକ୍ରମଣ ବନ୍ଦ କରିବାକୁ ଇରାନ୍‌କୁ ଅନୁରୋଧ କରିଥିଲେ । ଏହାସତ୍ତ୍ୱେ ସାଉଦୀ ଆରବ,

କତାର, କ୍ୱେତ୍ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରମୁଖ ଶକ୍ତିକେନ୍ଦ୍ର ଉପରେ ଇରାନ୍ ଏୟାର ଷ୍ଟ୍ରାଇକ୍ ଜାରି ରଖିଛି ।

## ହେଭି ଇଣ୍ଡଷ୍ଟ୍ରିଜ୍

ସିଣ୍ଟାର୍ଡ ଏନ୍‌ଡିଏଫ୍‌ଇବି ବିରଳ ମୃତ୍ତିକା ସ୍ଥାୟୀ ଚୁମ୍ବକ ଉତ୍ପାଦନ ସୁବିଧା ପ୍ରତିଷ୍ଠା ପାଇଁ କେନ୍ଦ୍ର ଭାରୀଶିଳ୍ପ ମନ୍ତ୍ରଣାଳୟ ବିଶ୍ୱସ୍ତରୀୟ ବିଡ୍ସ ଆମନ୍ତ୍ରଣ କରିଛି । ମନ୍ତ୍ରଣାଳୟ ସୂଚନା ଦେଇଛି ଯେ କେନ୍ଦ୍ରୀୟ ସାର୍ବଜନୀନ କ୍ରୟ ପୋର୍ଟାଲରେ ଏକ ସ୍ୱଚ୍ଛ ପର୍ଯ୍ୟାୟ ସର୍ବନିମ୍ନ ମୂଲ୍ୟ ବ୍ୟବସ୍ଥା ମାଧ୍ୟମରେ ଅନ୍‌ଲାଇନ୍ ନିଲାମ ପ୍ରକ୍ରିୟା ପରିଚାଳିତ ହେବ । ଏହି ନିଲାମ ପାଇଁ ଆଜିଠାରୁ ନଥିପତ୍ର ଉପଲବ୍ଧ ଥିବାବେଳେ ମେ’ ୨୮ ତାରିଖକୁ ଦରଖାସ୍ତ ଦାଖଲର ଶେଷ ଦିବସ ରଖାଯାଇଛି । ଆସନ୍ତା ମେ’ ୨୯ ତାରିଖରେ ବୈଷୟିକ ନିଲାମ ଡାକ ଖୋଲାଯିବ ଏବଂ ଏହାପୂର୍ବରୁ ଏପ୍ରିଲ ୭ ତାରିଖରେ ଏକ ପ୍ରି ନିଲାମ ଡାକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମନ୍ତ୍ରଣାଳୟ କହିଛି । ବାର୍ଷିକ ମୋଟ୍ ୬ହଜାର ମେଟ୍ରିକଟନ୍ କ୍ଷମତାର ଚୁମ୍ବକ ଉତ୍ପାଦନ ସୁବିଧା ପ୍ରତିଷ୍ଠା ପାଇଁ ଏହି ଯୋଜନାରେ ୭ହଜାର ୨ଶହ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ ରହିଛି । ବିରଳ ମୃତ୍ତିକା ସ୍ଥାୟୀ ଚୁମ୍ବକ ପାଇଁ ଘରୋଇ ଉତ୍ପାଦନ କ୍ଷମତାକୁ ବିକଶିତ କରିବା ଏବଂ ବିଶ୍ୱବଜାରରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

ବୈଦ୍ୟୁତିକ ଯାନ, ପବନ ଶକ୍ତି, ଇଲେକ୍ଟ୍ରୋନିକ୍ସ, ଏରୋସ୍ପେଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ପାଇଁ ବିରଳ ମୃତ୍ତିକା ସ୍ଥାୟୀ ଚୁମ୍ବକ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏହି ପଦକ୍ଷେପ ଦ୍ୱାରା ରଣନୈତିକ କ୍ଷେତ୍ରରେ ଭାରତର ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

## ୱାର୍ଲ୍ଡ ସ୍ପାରୋ ଡେ

କ୍ଷୁଦ୍ର ପକ୍ଷୀ ଘରଚଟିଆ ଜନସଂଖ୍ୟାର ଦ୍ରୁତ ହ୍ରାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ସାରା ବିଶ୍ୱରେ ଘରଚଟିଆ ଦିବସ ପାଳନ କରାଯାଉଛି । ଇକୋ-ସିସ୍ ଆକ୍ସନ ଫାଉଣ୍ଡେସନ ସହଯୋଗରେ ନେଚର ଫର ଏଭର ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ୨୦୧୦ରେ ଏହି ଦିବସ ଆରମ୍ଭ ହୋଇଥିଲା । ଛୋଟ ହୋଇଥିଲେ ହେଁ ଏହି ଗୁରୁତ୍ୱପୂର୍ଣ୍ଣ ବିରଳ ଘରଚଟିଆମାନେ ସମ୍ମୁଖୀନ ହେଉଥିବା ବିପଦ ଉପରେ ଏହି ଦିବସ ଆଲୋକପାତ କରେ ।

ଏକଦା ଆମ ଘର ଓ ଏହାର ଆଖପାଖରେ ଘରଚଟିଆମାନଙ୍କ ଚଳପ୍ରଚଳ ଏକ ପରିଚିତ ଦୃଶ୍ୟ ଥିଲା । ପରିବେଶ ସନ୍ତୁଳନ ବଜାୟ ରଖିବାରେ ଘରଚଟିଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏମାନେ କୀଟସଂଖ୍ୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରନ୍ତି । ଘରଚଟିଆ କେବଳ ଏକ ପକ୍ଷୀ ନୁହେଁ; ଏକ ସୁସ୍ଥ ପରିବେଶର ସୂଚକ । ଦ୍ରୁତ

ସହରୀକରଣ, ପ୍ରଦୂଷଣ, ବସା ସ୍ଥାନ ହରାଇବା ଏବଂ ଜୀବନଶୈଳୀରେ ପରିବର୍ତ୍ତନ ହେତୁ ଘରଚଟିଆ ଜନସଂଖ୍ୟା ଦ୍ରୁତ ମାତ୍ରାରେ ହ୍ରାସ ପାଇଛି । ସମଗ୍ର ବିଶ୍ୱରେ ଏହି ପକ୍ଷୀଙ୍କ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ଆଜିର ଦିନରେ ସଚେତନତା ଅଭିଯାନ, କଳା ପ୍ରତିଯୋଗିତା ଏବଂ ଗୋଷ୍ଠୀ ପଦକ୍ଷେପ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।